# ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର


ରାମଲିଙ୍ଗେଶ୍ୱର ଟ୍ୟାଙ୍କ୍ ରୋଡ଼ ଗାନ୍ଧିନଗର, ବ୍ରହ୍ମପୁର, ପିନ୍ - ୭୬୦୦୦୨

କାର୍ଯ୍ୟାଳୟ ଯୋଗାଯୋଗ ଟୋଲ୍ ଫ୍ରି ନମ୍ବର : ୧୪୪୨୦


ପତ୍ର ସଂଖ୍ୟା ...16375..... ତାରିଖ ...10/11/25....

## ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ସ୍ଥାନ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ

ବ୍ରହ୍ମପୁର ମହାନଗର ନିଗମ ଅଧିନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍ ରେ ଖାଲିଥିବା ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ପଞ୍ଜିକୃତ ଷ୍ଟ୍ରିଟ୍ ଭେଣ୍ଡରଙ୍କ ଠାରୁ ଆବେଦନ ପତ୍ର ନିମନ୍ତ୍ରଣ କରାଯାଇଅଛି । ତେଣୁ ଇଚ୍ଛୁକ ଷ୍ଟ୍ରିଟ୍ ଭେଣ୍ଡରମାନେ **ତା.୧୧/୧୧/୨୦୨୫ ରିଖ ଠାରୁ ତା. ୧୮/୧୧/୨୦୨୫ରିଖ (ଅପରାହ୍ନ ଘ. ୫.୦୦ ଟିକା)** ମଧ୍ୟରେ ଆବେଦନ ପତ୍ର ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରୀ ପୋଷ୍ଟ, ସ୍ପିଡ୍ ପୋଷ୍ଟ ଏବଂ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା – ୧୧ ଏକକ ଗୃହରେ ଆବେଦନ କରିପାରିବେ । ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ବ୍ରହ୍ମପୁର ମହାନଗର ନିଗମର ୱେବ୍‌ସାଇଟ୍ **www.berhampur.gov.in** ଉପଲବ୍ଧ ।

ଉପରୋକ୍ତ ଆବେଦନର ସବିଶେଷ ତଥ୍ୟ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମର ଷ୍ଟଲ୍ ଉପବିଭାଗରେ ପାଇପାରିବେ ।

(ସ୍ୱାକ୍ଷର)
ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

ପରିପତ୍ର ସଂଖ୍ୟା. ..16376........... ତାରିଖ. .....10/11/25........

ଏହାର ଏକକିତା ନକଲ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର, ଓଡ଼ିଶାଙ୍କ ଅବଗତ ନିମନ୍ତେ ପ୍ରେରଣ କରାଗଲା ଏବଂ ଉକ୍ତ ବିଜ୍ଞାପନକୁ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗଙ୍କ ଧାର୍ଯ୍ୟ ରାଶି ଅନୁଯାୟୀ ୧ (ଗୋଟିଏ) ଦିନ ପାଇଁ ଦୁଇଗୋଟି ଓଡ଼ିଆ ଖବର କାଗଜରେ ପ୍ରକାଶନ କରିବା ନିମନ୍ତେ ନିବେଦନ କରାଗଲା ।

(ସ୍ୱାକ୍ଷର)
ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

# ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର

**ରାମଲିଙ୍ଗେଶ୍ୱର ଟ୍ୟାଙ୍କ୍ ରୋଡ୍ ଗାନ୍ଧିନଗର, ବ୍ରହ୍ମପୁର, ପିନ୍ - ୭୬୦୦୦୨**

**କାର୍ଯ୍ୟାଳୟ ଯୋଗାଯୋଗ ଟୋଲ୍ ଫ୍ରି ନମ୍ବର : ୧୪୪୨୦**

ପତ୍ର ସଂଖ୍ୟା ...୧୬୩୭୨...                                        ତାରିଖ ...୧୦.୧୧.୨୫...

## ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ସ୍ଥାନ ପାଇବା ନିମନ୍ତେ ଲଟେରୀ ବିଜ୍ଞାପନ

ଏତଦ୍‌ଦ୍ୱାରା ବ୍ରହ୍ମପୁର ମହାନଗର ନିଗମ ଅଧିନରେ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ ନିକଟସ୍ଥ ନୂତନ ଭାବେ ନିର୍ମାଣ କରାଯାଇଥିବା ଭେଣ୍ଡିଂ ଜୋନ୍ ରେ ଖାଲିଥିବା ଦୋକାନ ଗୃହ ଲଟେରୀ ମାଧ୍ୟମରେ ଆବଣ୍ଟନ ନିମନ୍ତେ ପଞ୍ଜିକୃତ ଷ୍ଟ୍ରିଟ୍ ଭେଣ୍ଡରଙ୍କ ଠାରୁ ଆବେଦନ ପତ୍ର ନିମନ୍ତ୍ରଣ କରାଯାଇଅଛି । ଏହାର **ନିର୍ଦ୍ଧାରିତ ଦର (ଅଫସେଟ୍ ମୂଲ୍ୟ) ଟ. ୨,୦୦,୦୦୦/-ଙ୍କା ।** ଇଚ୍ଛୁକ ବ୍ୟକ୍ତି / ସଂସ୍ଥାମାନେ ଆସନ୍ତା ତା. ୧୮/୧୧/୨୦୨୫ରିଖ ସମୟ ଅପରାହ୍ନ ଘ. ୫.୦୦ଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ କାର୍ଯ୍ୟାଳୟକୁ ରେଜେଷ୍ଟ୍ରୀ ପୋଷ୍ଟ, ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଏବଂ ମହାନଗର ନିଗମ କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା - ୧୧ ଏକକ ଗୃହରେ ପ୍ରେରଣ କରିପାରିବେ । ଯେଉଁ ବ୍ୟକ୍ତି / ସଂସ୍ଥାମାନେ ଉକ୍ତ ଲଟେରୀ ପାଇଁ ପ୍ରେରଣ କରିବେ ତାହା ସହିତ **୧. ଟ୍ରେଡ୍ ଲାଇସେନ୍ସ, ୨. ଫୁଡ୍ ଲାଇସେନ୍ସ, ୩. ପ୍ରତିଭୂତି ଅମାନତ (ସିକ୍ୟୁରିଟି ଡିପୋଜିଟ୍) ଟ. ୨,୦୦୦/-ଙ୍କା (ଅଫସେଟ୍ ମୂଲ୍ୟର ୧% ପ୍ରତିଶତ) ଡ଼ିମାଣ୍ଡ ଡ୍ରାଫ୍ଟ (ବିନା ସୁଧ ଅମାନତ) ଆୟୁକ୍ତ, ବ୍ରହ୍ମପୁର ମହାନଗର ନିଗମଙ୍କ ନାମରେ ସଂଲଗ୍ନ କରିବେ ।** ତେଣୁ ଇଚ୍ଛୁକ ଷ୍ଟ୍ରିଟ୍ ଭେଣ୍ଡରମାନେ **ତା.୧୧/୧୧/୨୦୨୫ ରିଖ ଠାରୁ ତା. ୧୮/୧୧/୨୦୨୫ରିଖ (ଅପରାହ୍ନ ଘ. ୫.୦୦ ଟିକା)** ମଧ୍ୟରେ ଆବେଦନ ପତ୍ର ପୂରଣ କରି ଆବଶ୍ୟକୀୟ ଦସ୍ତାବିଜ ସହିତ ବନ୍ଦ / ମୁଦା ଲଫାଫାରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅବଗତ କରାଗଲା । **ଉକ୍ତ ଲଟେରୀ ତା. ୧୯/୧୧/୨୦୨୫ ରିଖ ସମୟ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ବ୍ରହ୍ମପୁର ମହାନଗର ନିଗମର ନୂତନ ସମ୍ମିଳନୀ କକ୍ଷରେ ଖୋଲାଯିବ ।** ମୁଦା ଲଫାଫା ଉପରେ ଷ୍ଟ୍ରିଟ୍ ଭେଣ୍ଡର ପଞ୍ଜିକରଣ ନମ୍ବର :................................... ଭେଣ୍ଡିଂ ଜୋନ୍‌ର ନାମ :.................................... ଶିରୋନାମା ସ୍ପଷ୍ଟ ରୂପେ ଲେଖାଯିବା ଆବଶ୍ୟକ । ଅଧିକ ବିବରଣୀ କିମ୍ବା ଆଦେବନ ପତ୍ର ପାଇବା ପାଇଁ ବ୍ରହ୍ମପୁର ମହାନଗର ନିଗମ **କାର୍ଯ୍ୟାଳୟ ପ୍ରକୋଷ୍ଠ ସଂଖ୍ୟା - ୧୧ (ଏକକ ଗୃହ)**ରେ ଯୋଗାଯୋଗ କରିପାରିବେ ।

# ସର୍ତ୍ତାବଳୀ ଆବଶ୍ୟକ ଯୋଗ୍ୟତା ଓ ନଥି ପତ୍ର (ଡକ୍ୟୁମଣ୍ଟ)

(୧) ଷ୍ଟ୍ରିଟ୍ ଭେଣ୍ଡରଙ୍କ ବ୍ରହ୍ମପୁର ମହାନଗର ନିଗମ ଅଧିନରେ ପଞ୍ଜୀକରଣ ହୋଇଥିବା ଜରୁରୀ ଅଟେ।

(୨) ଅଫସେଟ୍ ମୂଲ୍ୟ ଦେଇଥିବା ଆବେଦନକାରୀ ମଧ୍ୟରୁ ଯେଉଁ ଆବେଦନକାରୀ ମାନଙ୍କର ନାମ ଲଟେରୀରେ ଉଠିବ ସେହି ମାନଙ୍କୁ ଦୋକାନ ଗୃହ ପ୍ରଦାନ କରାଯିବ ।

(୩) ଦୋକାନ ଗୃହ ଗୁଡ଼ିକ ନିମ୍ନରେ ଦର୍ଶାଯାଇଥିବା ସାରଣୀ ପ୍ରକାରେ ବିଭିନ୍ନ ବର୍ଗଗୁଡ଼ିକ ପାଇଁ ସଂରକ୍ଷିତ ରଖାଯିବ ।

| କ୍ର.ନଂ | ବର୍ଗ | ସଂରକ୍ଷିତ ଦୋକାନ ସଂଖ୍ୟା |
|---|---|---|
| ୧ | ଅନୁସୂଚିତ ଜାତି | ୧ ଗୋଟି |
| ୨ | ଅନୁସୂଚିତ ଜନଜାତି | ୧ ଗୋଟି |
| ୩ | ୱାର୍ଡ଼ ନଂ -୪୧ର ପଞ୍ଜିକୃତ ଷ୍ଟ୍ରିଟ୍ ଭେଣ୍ଡର | ୧୦ ଗୋଟି |
| ୪ | ସାମାଜିକ ଏବଂ ଶିକ୍ଷାଗତ ପଛୁଆ ବର୍ଗ | ୧ ଗୋଟି |
| ୫ | ସମସ୍ତଙ୍କ ପାଇଁ ଖୋଲା | ୧ ଗୋଟି |

(୪) ଭେଣ୍ଡିଂ ଜୋନ୍‌ରେ ଦୋକାନ ଗୃହ ପାଇଁ ବ୍ରହ୍ମପୁର ମହାନଗର ନିଗମ ଟାଉନ୍ ଭେଣ୍ଡିଂ କମିଟି ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ମାସିକ ଭଡ଼ା ଓ ଅନ୍ୟାନ୍ୟ ଦେୟ ।

| କ୍ର. ନଂ | ଦୋକାନ ଗୃହ ପ୍ରକାର | ପ୍ରତିଭୂତି ଅମାନତ (ଟଙ୍କା) | ମାସକ ଭଡ଼ା (ଟଙ୍କା) | ମାସିକ ସାନିଟେସନ୍ ଦେୟ (ଟଙ୍କା) |
|---|---|---|---|---|
| ୧ | ଦୋକାନ ଗୃହ | ଟ.୨,୦୦୦/-ଙ୍କା | ଟ.୨୦୦୦/-ଙ୍କା + ବସ୍ତୁ ଓ ସେବା କର | ଟ. ୧୦୦/-ଙ୍କା |

(୫) ଖାଲିଥିବା ଦୋକାନ ଗୃହ ସ୍ଥାନ (ଆନୁମାନିକ) :

| କ୍ର.ନଂ | ଭେଣ୍ଡିଂ ଜୋନ୍‌ର ନାମ | ଖାଲିଥିବା ଦୋକାନ ଗୃହ ସଂଖ୍ୟା |
|---|---|---|
| ୧ | ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଛକ | ୧୪ |

(୬) କେଉଁ ଭେଣ୍ଡରଙ୍କୁ କି ପ୍ରକାର ଦୋକାନ ଯଥା: ଦୋକାନ ଆବଣ୍ଟନ କରାଯିବ ତାହା ବ୍ରହ୍ମପୁର ମହାନଗର ନିଗମ ଟାଉନଭେଣ୍ଡିଂ କମିଟି ନିଷ୍ପତ୍ତି ନେବ ।

(୭) ଷ୍ଟ୍ରିଟ୍ ଭେଣ୍ଡର ଦୋକାନ ଗୃହର ବିଦ୍ୟୁତ୍ ସଂଯୋଗ ଖର୍ଚ୍ଚ, ଜଳ ଓ ବିଦ୍ୟୁତ ମାସିକ ଦେୟ ନିଜସ୍ୱ ରୂପେ ବହନ କରିବେ ।

(୮) ଆବଣ୍ଟନକାରୀ ଆବଣ୍ଟିତ ପରିସରର ଗଢ଼ଣ ସଂରଚନା ପରିବର୍ତ୍ତନ ବା କୌଣସି ପୁନଃନିର୍ମାଣ କରିପାରିବେ ନାହିଁ ।

(୯) ଆବଶ୍ୟକ ସ୍ଥଳେ ବ୍ରହ୍ମପୁର ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି କର୍ତ୍ତୃପକ୍ଷ ପୂର୍ବନିର୍ଦ୍ଦେଶିତ ବିଭିନ୍ନ ପ୍ରକାର ଦୋକାନ ସଂଖ୍ୟାକୁ ପରିବର୍ତ୍ତନ କରିପାରିବେ ।

(୧୦) ସଫଳ ଆବେଦନକାରୀ **୧୫ (ପନ୍ଦର) ଦିନ** ଭିତରେ ଅମାନତ ଟଙ୍କା ଜମା କରିବେ ଅନ୍ୟଥା ଅନ୍ୟ ଆବେଦନକାରୀଙ୍କ ସପକ୍ଷରେ ଆବଣ୍ଟନ ସ୍ଥିର କରାଯିବ ।

(୧୧) ଦୋକାନ ଗୃହ ଆବଣ୍ଟନ ପୂର୍ବରୁ ଉଲ୍ଲେଖ କରାଯାଇଥିବା ଅମାନତ ଟଙ୍କା ଜମା କରିବେ, ଯାହାକି ଚୁକ୍ତିନାମାର କୌଣସି ସର୍ତ୍ତ ଉଲ୍ଲଂଘନ ପାଇଁ ଅର୍ଥଦଣ୍ଡ ସ୍ୱରୂପ ଆଂଶିକ କିମ୍ବା ସମ୍ପୂର୍ଣ୍ଣ ଭାବରେ ବାଜ୍ୟାପ୍ତି ହୋଇପାରେ ।

(୧୨) ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ ।

(୧୩) ଉକ୍ତ ଆବଣ୍ଟନ ପ୍ରକ୍ରିୟାରେ ବ୍ରହ୍ମପୁର ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟିର ନିଷ୍ପତ୍ତି ଚୂଡାନ୍ତ ଅଟେ ।

(୧୪) ସାର୍ଟିଫିକେଟ୍ ଅଫ୍ ଭେଣ୍ଡିଂ ବା ପ୍ରଧାନମନ୍ତ୍ରୀ ସ୍ୱନିଧିର ସୁପାରିଶ ପତ୍ର ଉଲ୍ଲେଖ କରାଯାଇଥିବା ଷ୍ଟ୍ରିଟ୍ ବିକ୍ରେତାଙ୍କ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କେହି ଆବଣ୍ଟନ କରାଯାଇଥିବା ଦୋକାନ ଗୃହରେ ବସିପାରିବେ ନାହିଁ, ନଚେତ୍ ବ୍ରହ୍ମପୁର ମହାନଗର ନିଗମ ଟାଉନ୍ ଭେଣ୍ଡିଂ କମିଟି ଦ୍ୱାରା ଦୋକାନ ଆବଣ୍ଟନ ଚୁକ୍ତି ବାତିଲ କରିଦିଆଯିବ ।

(୧୫) ଦୋକାନ ଆବଣ୍ଟନ ପରେ ଷ୍ଟ୍ରିଟ ଭେଣ୍ଡର କିମ୍ବା ତାଙ୍କ ପରିବାରର ସଦସ୍ୟ / ସଦସ୍ୟା ଯଦି ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ କୌଣସି ଖୋଲା ସ୍ଥାନରେ (ଅନଧିକୃତ) ଭେଣ୍ଡିଂ କରନ୍ତି, ତାହେଲେ ବ୍ରହ୍ମପୁର ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ଆବଣ୍ଟନ କରାଯାଇଥିବା ଦୋକାନ ଗୃହର ଚୁକ୍ତି ବାତିଲ କରିବା ପାଇଁ ବାଧ୍ୟ ହେବ ।

(୧୬) ଭେଣ୍ଡିଂ ଜୋନରେ ଦୋକାନ ଘର ପାଇବା ନିମନ୍ତେ ଆବେଦନ ପତ୍ରରେ ଉଲ୍ଲେଖ ଥିବା ସମସ୍ତ ଦସ୍ତାବିଜ ଦାଖଲ କରିବାକୁ ପଡ଼ିବ, ଅନ୍ୟଥା ବ୍ରହ୍ମପୁର ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି ଆବେଦନ ପତ୍ରଟିକୁ ରଦ୍ଦ କରିପାରିବେ ।

(୧୭) ବ୍ରହ୍ମପୁର ମହାନଗର ନିଗମର ପୂର୍ବରୁ ଷ୍ଟଲ୍ / ଭେଣ୍ଡିଂ ଜୋନ୍ ନେଇଥିବା ବ୍ୟକ୍ତି କିମ୍ବା ତାଙ୍କର କୌଣସି ପରିବାର ସଦସ୍ୟ ଆବେଦନ କରିପାରିବେ ନାହିଁ ।

(୧୮) ବ୍ରହ୍ମପୁର ମହାନଗର ନିଗମ ଟାଉନ ଭେଣ୍ଡିଂ କମିଟି କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

(୧୯) ଉକ୍ତ ଦୋକାନ ଗୃହରେ ପାର୍ଟନରଶିପରେ ବ୍ୟବସାୟ କରିପାରିବେ ନାହିଁ । ଦୋକାନ ଗୃହ ଯାହାଙ୍କୁ ଆବଣ୍ଟିତ ହେବ ତାଙ୍କରି ନାମରେ ହିଁ ଟ୍ରେଡ୍ ଲାଇସେନ୍ସ କରିବାକୁ ପଡ଼ିବ ଏବଂ ଉକ୍ତ ଦୋକାନ ଗୃହକୁ ଭଡ଼ାରେ ଦେଇପାରିବେ ନାହିଁ ।

(୨୦) ଦୋକାନ ଗୃହର ପ୍ରକାଶ ଫଳକରେ ମୋଟ କ୍ଷେତ୍ରଫଳରେ ୬୦(ଷାଠିଏ) ପ୍ରତିଶତ ଭାଗରେ ଓଡ଼ିଆ ଭାଷା ଲିପିର ବ୍ୟବହାର କରିବା ବାଧ୍ୟତାମୂଳକ ।

(୨୧) ଦୋକାନ ଗୃହରେ କୌଣସି ପ୍ରକାର ମାଦକଦ୍ରବ୍ୟ ବିକ୍ରି କିମ୍ବା ପ୍ରଚାର କରାଯିବ ନାହିଁ ।

(୨୨) ଦୋକାନରେ ବିକ୍ରୟ ଜିନିଷକୁ ଦୋକାନ ପରିସରରେ ମଧ୍ୟରେ ରଖିବାକୁ ହେବ, ଯେପରି ଟ୍ରାଫିକ୍ ସମସ୍ୟା ନଉପୁଜିବ ସେଥିପ୍ରତି ଧ୍ୟାନଦେବେ ।

ସ୍ୱାକ୍ଷର/-
ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

ପରିପତ୍ର ସଂଖ୍ୟା. ୧୬୩୩୬     ତାରିଖ. ୧୦.୧୧.୨୫

୧. ଏହାର ଏକକିତା ନକଲ ନିର୍ଦ୍ଦେଶକ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓଡ଼ିଶା, ଭୁବନେଶ୍ୱରଙ୍କୁ ବ୍ରହ୍ମପୁର ସହରରେ ଦୁଇଟି ବହୁଳ ପ୍ରସାରିତ ଦୈନିକ ଓଡ଼ିଆ ଖବର କାଗଜରେ ତା. ୧୧/୧୧/୨୪/୨୦୨୫ ରିଖ ପ୍ରକାଶନ ପାଇଁ ଅନୁରୋଧ କରାଗଲା । ବିଜ୍ଞାପନର ଅକ୍ଷରର ଆକାର ୮ ପଏଣ୍ଟ ରହିବା ଆବଶ୍ୟକ ଏବଂ ଏହାର ମୂଲ୍ୟ ବିଭାଗର ନିର୍ଦ୍ଧାରିତ ମୂଲ୍ୟରେ ହେବା ଉଚିତ ।

୨. ଏହାର ଏକକିତା ନକଲ ମାନନୀୟା ମେୟର / ଡେପୁଟି ମେୟରଙ୍କ କ୍ଷିପ୍ରଲେଖକ ଏବଂ କମିଶନରଙ୍କ ବ୍ୟକ୍ତିଗତ ସହାୟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୩. ଏହି ବିଜ୍ଞପ୍ତିର ଏକକିତା ନକଲ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

୪. ଏହାର ଏକକିତା ନକଲ ବ୍ରହ୍ମପୁର ମହାନଗର ନିଗମ ୱେବସାଇଟ୍ ରେ ପ୍ରକାଶନ କରିବା ପାଇଁ **MIS Programmer** ଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ସ୍ୱାକ୍ଷର/-
ଆୟୁକ୍ତ
ବ୍ରହ୍ମପୁର ମହାନଗର ନିଗମ

# ବ୍ରହ୍ମପୁର ମହାନଗର ନିଗମ, ବ୍ରହ୍ମପୁର

## ଭେଣ୍ଡିଂ ଜୋନ୍‌ରେ ସ୍ଥାନ/ ଦୋକାନ ଆବଣ୍ଟନ ପାଇଁ ଆବେଦନ ଫର୍ମ

ଆପଣଙ୍କ ପାସପୋର୍ଟ ସାଇଜ୍ ଫୋଟ କେବଳ

(୧) ରାସ୍ତା ବିକ୍ରେତାଙ୍କ ନାମ : ..........................................

(୨) ପିତାଙ୍କ ନାମ : ..........................................

(୩) ବର୍ତ୍ତମାନର ବାସସ୍ଥାନର ଠିକଣା : ..........................................

(୪) ମୋବାଇଲ୍ ନଂ : ..........................................

(୫) ଲ୍ୟାଣ୍ଡମାର୍କ ସହିତ ବିକ୍ରୟ ସ୍ଥାନ (ବିକ୍ରୟ ପ୍ରମାଣ ପତ୍ର ଅନୁସାରେ) : ..........................................

(୬) ଭେଣ୍ଡିଂ ଜୋନ୍‌ର ନାମ : ..........................................

(୭) ଷ୍ଟ୍ରିଟ ଭେଣ୍ଡିଂ ବ୍ୟତୀତ, ଆପଣ କେଉଁ ଜୀବିକା କାର୍ଯ୍ୟରେ ଜଡ଼ିତ : ..........................................

(୮) ରାସ୍ତା ବିକ୍ରେତା ପଞ୍ଜିକରଣ ନମ୍ବର : ..........................................

(୯) ବିକ୍ରୟ ସାମଗ୍ରୀ / ପଣ୍ୟର ନାମ : ..........................................

(୧୦) ଷ୍ଟ୍ରିଟ୍ ବିକ୍ରେତା ପ୍ରକାରେ (ଭେଣ୍ଡିଂ ପ୍ରମାଣପତ୍ର ଅନୁସାରେ)

ସ୍ଥିର ବିକ୍ରେତା ☐ ମୋବାଇଲ ବିକ୍ରେତା ☐

(୧୧)ସମାନ ବିକ୍ରୟ କାର୍ଯ୍ୟକଳାପରେ ସାମିଲ ପରିବାର ସଦସ୍ୟ

| କ୍ର.ନଂ | ପରିବାର ସଦସ୍ୟଙ୍କ ନାମ | ରାସ୍ତା ବିକ୍ରେତାଙ୍କ ସହିତ ସମ୍ପର୍କ |
|---|---|---|
| | | |
| | | |

(୧୨)ସଂଲଗ୍ନ ହେବାକୁ ଥିବା ପ୍ରମାଣ ପତ୍ର

| କ୍ର.ନଂ | ପ୍ରମାଣ ପତ୍ରର ନାମ | ସ୍ଥିତି (ହଁ / ନା) |
|---|---|---|
| ୧ | ଭୋଟର ପରିଚୟ ପତ୍ରର ନକଲ | |
| ୨ | ଆଧାର କାର୍ଡ୍‌ର ନକଲ | |
| ୩ | ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ଜାରି କରାଯାଇଥିବା ରାସ୍ତା ବିକ୍ରେତା ପରିଚୟ ପତ୍ର ଏବଂ ବିକ୍ରୟ ପ୍ରମାଣ ପତ୍ରର ନକଲ | |
| ୪ | ଖାଦ୍ୟ ଲାଇସେନ୍ସର ନକଲ (ଖାଦ୍ୟ ବିକ୍ରେତାଙ୍କ କ୍ଷେତ୍ରରେ) | |
| ୫ | ଜାତି ପ୍ରମାଣ ପତ୍ର (କେବଳ ସଂରକ୍ଷିତ ଦୋକାନ ପାଇବା ପାଇଁ) | |

(୧୩)ଘୋଷଣା : ମୁଁ ଘୋଷଣା କରୁଛି ଯେ, ମୋର ସର୍ବୋତ୍ତମ ଜ୍ଞାନ ଅନୁସାରେ ଦିଆଯାଇଥିବା ସୂଚନା ସତ୍ୟ ଏବଂ ସଠିକ୍ । ଭ୍ରାମକ କିମ୍ବା ଅସତ୍ୟ ବକ୍ତବ୍ୟ ଆବେଦନକୁ ପ୍ରତ୍ୟାଖ୍ୟାନ କରାଯିବା

ତାରିଖ :

ବିକ୍ରେତାଙ୍କ ଦସ୍ତଖତ